**Signature and Name of Invigilator**

1. (Signature) ________________

 (Name) ________________

2. (Signature) ________________

 (Name) ________________

**OMR Sheet No. :** ......................................................

(To be filled by the Candidate)

**Roll No.** | | | | | | | | |

(In figures as per admission card)

**Roll No.** ________________

(In words)

**J 0 2 3 1 8**

# PAPER - II
# ODIA

**Time : 2 hours]** **[Maximum Marks : 200**

Number of Pages in this Booklet : **20** Number of Questions in this Booklet : **100**

## Instructions for the Candidates

1. Write your roll number in the space provided on the top of this page.
2. This paper consists of hundred multiple-choice type of questions.
3. At the commencement of examination, the question booklet will be given to you. In the first 5 minutes, you are requested to open the booklet and compulsorily examine it as below :
   (i) To have access to the Question Booklet, tear off the paper seal on the edge of this cover page. Do not accept a booklet without sticker-seal and do not accept an open booklet.
   (ii) **Tally the number of pages and number of questions in the booklet with the information printed on the cover page. Faulty booklets due to pages/questions missing or duplicate or not in serial order or any other discrepancy should be got replaced immediately by a correct booklet from the invigilator within the period of 5 minutes. Afterwards, neither the Question Booklet will be replaced nor any extra time will be given.**
   (iii) After this verification is over, the Test Booklet Number should be entered on the OMR Sheet and the OMR Sheet Number should be entered on this Test Booklet.
4. Each item has four alternative responses marked (1), (2), (3) and (4). You have to darken the circle as indicated below on the correct response against each item.
   **Example :** ① ② ● ④ where (3) is the correct response.
5. Your responses to the items are to be indicated in the **OMR Sheet given inside the Booklet only.** If you mark your response at any place other than in the circle in the OMR Sheet, it will not be evaluated.
6. Read instructions given inside carefully.
7. Rough Work is to be done in the end of this booklet.
8. If you write your Name, Roll Number, Phone Number or put any mark on any part of the OMR Sheet, except for the space allotted for the relevant entries, which may disclose your identity, or use abusive language or employ any other unfair means, such as change of response by scratching or using white fluid, you will render yourself liable to disqualification.
9. You have to return the original OMR Sheet to the invigilators at the end of the examination compulsorily and must not carry it with you outside the Examination Hall. You are however, allowed to carry original question booklet on conclusion of examination.
10. **Use only Blue/Black Ball point pen.**
11. **Use of any calculator or log table etc., is prohibited.**
12. **There are no negative marks for incorrect answers.**

## परीक्षार्थियों के लिए निर्देश

1. इस पृष्ठ के ऊपर नियत स्थान पर अपना रोल नम्बर लिखिए।
2. इस प्रश्न-पत्र में सौ बहुविकल्पीय प्रश्न हैं।
3. परीक्षा प्रारम्भ होने पर, प्रश्न-पुस्तिका आपको दे दी जायेगी। पहले पाँच मिनट आपको प्रश्न-पुस्तिका खोलने तथा उसकी निम्नलिखित जाँच के लिए दिये जायेंगे, जिसकी जाँच आपको अवश्य करनी है :
   (i) प्रश्न-पुस्तिका खोलने के लिए पुस्तिका पर लगी कागज की सील को फाड़ लें। खुली हुई या बिना स्टीकर-सील की पुस्तिका स्वीकार न करें।
   (ii) **कवर पृष्ठ पर छपे निर्देशानुसार प्रश्न-पुस्तिका के पृष्ठ तथा प्रश्नों की संख्या को अच्छी तरह चैक कर लें कि ये पूरे हैं। दोषपूर्ण पुस्तिका जिनमें पृष्ठ/प्रश्न कम हों या दुबारा आ गये हों या सीरियल में न हों अर्थात् किसी भी प्रकार की त्रुटिपूर्ण पुस्तिका स्वीकार न करें तथा उसी समय उसे लौटाकर उसके स्थान पर दूसरी सही प्रश्न-पुस्तिका ले लें। इसके लिए आपको पाँच मिनट दिये जायेंगे। उसके बाद न तो आपकी प्रश्न-पुस्तिका वापस ली जायेगी और न ही आपको अतिरिक्त समय दिया जायेगा।**
   (iii) इस जाँच के बाद प्रश्न-पुस्तिका का नंबर OMR पत्रक पर अंकित करें और OMR पत्रक का नंबर इस प्रश्न-पुस्तिका पर अंकित कर दें।
4. प्रत्येक प्रश्न के लिए चार उत्तर विकल्प (1), (2), (3) तथा (4) दिये गये हैं। आपको सही उत्तर के वृत्त को पेन से भरकर काला करना है जैसा कि नीचे दिखाया गया है।
   **उदाहरण :** ① ② ● ④ जबकि (3) सही उत्तर है।
5. प्रश्नों के उत्तर **केवल प्रश्न पुस्तिका के अन्दर दिये गये OMR पत्रक पर ही** अंकित करने हैं। यदि आप OMR पत्रक पर दिये गये वृत्त के अलावा किसी अन्य स्थान पर उत्तर चिह्नांकित करते हैं, तो उसका मूल्यांकन नहीं होगा।
6. अन्दर दिये गये निर्देशों को ध्यानपूर्वक पढ़ें।
7. कच्चा काम (Rough Work) इस पुस्तिका के अन्तिम पृष्ठ पर करें।
8. यदि आप OMR पत्रक पर नियत स्थान के अलावा अपना नाम, रोल नम्बर, फोन नम्बर या कोई भी ऐसा चिह्न जिससे आपकी पहचान हो सके, अंकित करते हैं अथवा अभद्र भाषा का प्रयोग करते हैं, या कोई अन्य अनुचित साधन का प्रयोग करते हैं, जैसे कि अंकित किये गये उत्तर को मिटाना या सफेद स्याही से बदलना तो परीक्षा के लिये अयोग्य घोषित किये जा सकते हैं।
9. आपको परीक्षा समाप्त होने पर मूल OMR पत्रक निरीक्षक महोदय को लौटाना आवश्यक है और परीक्षा समाप्ति के बाद उसे अपने साथ परीक्षा भवन से बाहर न लेकर जायें। हालांकि आप परीक्षा समाप्ति पर मूल प्रश्न-पुस्तिका अपने साथ ले जा सकते हैं।
10. **केवल नीले/काले बाल प्वाईंट पेन का ही प्रयोग करें।**
11. **किसी भी प्रकार का संगणक (कैलकुलेटर) या लाग टेबल आदि का प्रयोग वर्जित है।**
12. **गलत उत्तरों के लिए कोई नकारात्मक अंक नहीं हैं।**

# ODIA

## ଓଡ଼ିଆ

## PAPER - II

## ପ୍ରଶ୍ନପତ୍ର - II

**Note :** This paper contains **hundred (100)** objective type questions of **two (2)** marks each. **All** questions are **compulsory**.

**ନିର୍ଦ୍ଦେଶ :** ଏହି ପତ୍ରରେ **ଶହେ (100)** ଟି ବିବିଧ ପସନ୍ଦ ଭିତ୍ତିକ ପ୍ରଶ୍ନ ରହିଛି । ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ ଦୁଇ **(2)**। ସମସ୍ତ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ।

**1.** ଲୋକ ସାହିତ୍ୟର କେଉଁ ପ୍ରରୂପ (Form)ର ଭାଷା ସାଧାରଣତଃ ଅପରିବର୍ତ୍ତିତ ?

(1) ପଶୁପକ୍ଷୀମୂଳକ କାହାଣୀ (2) ପ୍ରବାଦ

(3) ଦୋଳିଗୀତ (4) ଛଟା

**2.** ବରଗଡ଼ ସହରରେ ପ୍ରବାହିତ କେଉଁନଦୀ 'ଧନୁଯାତ୍ରା'ପ୍ରଦର୍ଶନ କାଳରେ 'ଯମୁନା'ରେ ରୂପାନ୍ତରିତ ହୁଏ ?

(1) ସୋଣ ନଦୀ (2) ଜୀରା ନଦୀ (3) ମହାନଦୀ (4) ତେଲ ନଦୀ

**3.** ବୌଦ୍ଧମାନଙ୍କ ମତରେ 'ସୁଭଦ୍ରା' କେଉଁ ରୂପରେ କଳ୍ପିତ ?

(1) ଧର୍ମ (2) ସଂଘ (3) ବୁଦ୍ଧ (4) ତ୍ରିରତ୍ନ

**4.** କେଉଁ ଗ୍ରନ୍ଥଟି ନାଥଧର୍ମ ପ୍ରଖ୍ୟାପକ ଗ୍ରନ୍ଥ **ନୁହେଁ** ?

(1) ଗୋରକ୍ଷ ଗୀତା (2) ଅମର ପଟଳ

(3) ସପ୍ତାଙ୍ଗଯୋଗ ଧାରଣମ୍ (4) ଅଣାକାର ସଂହିତା

**5.** କେଉଁ ଧର୍ମରେ ନାରୀ ଏପରିକି କାଷ୍ଠପାଷାଣର ନାରୀମୂର୍ତ୍ତି ସୁଦ୍ଧା ସ୍ପର୍ଶ କରିବାକୁ ବାରଣ କରାଯାଇଛି ?

(1) ବ୍ରାହ୍ମ ଧର୍ମ (2) ଖ୍ରୀଷ୍ଟ ଧର୍ମ (3) ମହିମା ଧର୍ମ (4) ଇସଲାମ

**6.** କେଉଁ ଲିପିରେ ଡାହାଣରୁ ବାମକୁ ଲିଖନ ପଦ୍ଧତି ଅନୁସୃତ ?

(1) କଳିଙ୍ଗ ଲିପି (2) ବ୍ରାହ୍ମୀ ଲିପି (3) କୁଟିଳ ଲିପି (4) ଖରୋଷ୍ଠୀ ଲିପି

**7.** 'Aspect of Applied Lingustics'- ଗବେଷଣା ଗ୍ରନ୍ଥଟି କାହାର ରଚନା ?

(1) ଦେବୀ ପ୍ରସନ୍ନ ପଟ୍ଟନାୟକ (2) ବିଜୟ ପ୍ରସାଦ ମହାପାତ୍ର

(3) ଗୋପବନ୍ଧୁ ଦାଶ (4) ଗଗନେନ୍ଦ୍ରନାଥ ଦାଶ

**8.** ସ୍ୱରଭକ୍ତି କାହାକୁ କୁହାଯାଏ?

(1) ସମସ୍ୱରାଗମ (2) ଆଦିସ୍ୱରାଗମ (3) ମଧ୍ୟସ୍ୱରାଗମ (4) ଅନ୍ତ୍ୟସ୍ୱରାଗମ

9. ଅନ୍ତରରେ ସ୍ଥାୟୀଭାବ ଉଦ୍‌ବୋଧିତ ହେଲେ ବାହାରେ ଯେଉଁ ଭାବ ପ୍ରକାଶିତ ହୁଏ ତାହାକୁ କଣ କୁହାଯାଏ ?

(1) ଅନୁଭାବ (2) ସ୍ଥାୟୀଭାବ (3) ବ୍ୟଭିଚାରୀ ଭାବ (4) ସଂଚାରୀ ଭାବ

10. ''ଚାହିଁ ଲୋମୋଦ୍‌ଗମ ଜଳେ ଲୋମପାଦ ବୋଲେ
ଜରତା ରତାରେ ଋଷ୍ୟଶୃଙ୍ଗ ଆସି ହେଲେ ।''
ଉଦ୍ଧୃତ ପଦରେ 'ଲୋମୋଦ୍‌ଗମ ଜଳ'ଶବ୍ଦର ଅର୍ଥ କଣ ?

(1) ଟୋପାଏ ଜଳ (2) ବିନ୍ଦୁଏ ଜଳ (3) ସମୁଦ୍ର ଜଳ (4) ଝାଳ

11. ପଦ୍ୟ ଆବୃତ୍ତି କାଳରେ ଛନ୍ଦର ଅନୁରୋଧରେ ବିଶେଷ ବିଶେଷ ସ୍ଥାନରେ ଯେଉଁ ବିରତି ନିଆଯାଏ, ତାହାର ପାରିଭାଷିକ ଶବ୍ଦ କଣ ?

(1) ଲୟ (2) ଯତିପାତ (3) ତାଳ (4) ସ୍ୱର

12. 'Eco criticism' ଶବ୍ଦଟି ପ୍ରଥମେ କାହାଦ୍ୱାରା ବ୍ୟବହୃତ ହୋଇଥିଲା ?

(1) Harold Fromm (2) William Bowen
(3) Ernst Haeckel (4) William Rueckert

13. ବିଗଠନବାଦୀ ଅଧ୍ୟୟନର ମୂଳଧର୍ମ କ'ଣ ?

(1) ପାଠ (Text) ର ପୁନଃ ସର୍ଜନା (2) ପାଠ (Text) ର ପରିକଳ୍ପନା
(3) ପାଠର ଗଭୀର ଅଧ୍ୟୟନ (4) ପାଠର ଅନ୍ୟପାଠ ସହ ତୁଳନା

14. 'ନଗର ବାହିରିରେ ଡୋମ୍ବି ତୋହୋରି କୁଡ଼ିଆ'-ଏହି ପାଦସ୍ଥ 'ନଗର'ର ଅର୍ଥ କ'ଣ ?

(1) ମହାନଗର (2) ସହର (3) ଶରୀର (4) ଅରଣ୍ୟ

15. 'ଚର୍ଯ୍ୟାଗୀତିକା' ଗୁଡ଼ିକରେ କେଉଁଟି ବହୁଳ ଭାବେ ବ୍ୟବହୃତ ରାଗ ?

(1) ଗୁଞ୍ଜରୀ (2) ପଟ୍ଟମଞ୍ଜରୀ (3) ମଲ୍ଲାରୀ (4) ଭୈରବୀ

16. 'ମାଦଳା ପାଞ୍ଜି'ର କେଉଁ ଅଂଶଟି ତଡ଼ାଉ କରଣଙ୍କ ପାଖରେ ରହୁଥିଲା ?

(1) ଦେଶଖଞ୍ଜା (2) କର୍ମାଙ୍ଗୀ (3) ଦିନପାଞ୍ଜି (4) ରାଜଖଞ୍ଜା

17. ପୁରୀ ଜଗନ୍ନାଥ ମନ୍ଦିରସ୍ଥ ଜୟ ବିଜୟ ଦ୍ୱାରର ଦକ୍ଷିଣ ପାର୍ଶ୍ୱରେ ଥିବା ଦ୍ୱିତୀୟ ଶିଳାଲେଖଟି କେଉଁ ରାଜାଙ୍କ ସମୟର ?

(1) କପିଳେନ୍ଦ୍ର ଦେବ (2) ପୁରୁଷୋତ୍ତମ ଦେବ (3) ପ୍ରତାପରୁଦ୍ର ଦେବ (4) ମୁକୁନ୍ଦ ଦେବ

18. ସାରଳା ମହାଭାରତର ନିମ୍ନଲିଖିତ କେଉଁ ପର୍ବଟି ସଂସ୍କୃତ ମହାଭାରତରେ ନାହିଁ ?

(1) ଶାନ୍ତି ପର୍ବ (2) ବିରାଟ ପର୍ବ (3) ଗଦା ପର୍ବ (4) ଶଲ୍ୟ ପର୍ବ

19. ''କଳା କଳେବର କହ୍ନାଇ ସଙ୍ଗେ ରୋହିଣୀ ସୁତ ।
କରନ୍ତି ମଥୁରା ବିଜୟେ ଦାଣ୍ଡେ ଦେଖ ସଙ୍ଗାତ ।।''
ଉକ୍ତ ପଦଟି କାହା ରଚନାରୁ ଆନୀତ?

(1) ଭୂପତି ପଣ୍ଡିତ (2) ବତ୍ସା ଦାସ (3) ଦୀନକୃଷ୍ଣ ଦାସ (4) ଭକ୍ତଚରଣ ଦାସ

20. ନିମ୍ନଲିଖିତ କେଉଁ କାବ୍ୟରେ ଶ୍ରୀକୃଷ୍ଣ - ରୁକ୍ମିଣୀ ବିବାହ ବର୍ଣ୍ଣିତ ହୋଇଅଛି ?

(1) ସର୍ବାଙ୍ଗ ସୁନ୍ଦରୀ (2) ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର (3) ଅନଙ୍ଗ ରେଖା (4) ପ୍ରେମ ପଞ୍ଚାମୃତ

21. 'ପ୍ରସ୍ତାବ ଚିନ୍ତାମଣି'ନାମକରଣରେ ଥିବା 'ପ୍ରସ୍ତାବ' ଶବ୍ଦର ଅର୍ଥ କ'ଣ ?

(1) କଳ୍ପନା (2) ବିସ୍ତାରଣ (3) ବିଭୂତି (4) କଥା

22. 'ମନବୋଧ ଚଉତିଶା' କାହାର ରଚନା ?

(1) ଦୀନକୃଷ୍ଣ (2) ଗୋପାଳକୃଷ୍ଣ (3) ଭକ୍ତଚରଣ (4) ସାଲବେଗ

23. କବି ଦୀନକୃଷ୍ଣଙ୍କ 'ରସକଲ୍ଲୋଳ' କାବ୍ୟକୁ ମୁଖ୍ୟତଃ କେଉଁ ଶ୍ରେଣୀୟ ରଚନାର ଅନ୍ତର୍ଭୁକ୍ତ କରାଯାଏ ?

(1) ଅଧମ କାବ୍ୟ (2) ରୀତି କାବ୍ୟ (3) ବ୍ୟଞ୍ଜନାଶ୍ରୟୀ କାବ୍ୟ (4) ଶ୍ଳେଷାତ୍ମକ କାବ୍ୟ

24. 'ଚଉପଦୀ ରତ୍ନାକର' କାହାର ରଚନା ଅଟେ ?

(1) ବଳଦେବ ରଥ (2) ଚନ୍ଦନ ହଜୁରୀ (3) ଗୋପାଳକୃଷ୍ଣ (4) ଯଦୁମଣି ମହାପାତ୍ର

25. କାବ୍ୟ ରଚନାର ଆଦ୍ୟରେ 'ଆଶୀର୍ନମସ୍କ୍ରିୟା' ପଦ୍ଧତି ଅନୁସୃତ ହେବା ବିଧାନ କେଉଁ ନିମ୍ନ ଗ୍ରନ୍ଥରେ ନିର୍ଦ୍ଦେଶିତ ?

(1) କାବ୍ୟାଦର୍ଶ (2) ନାଟ୍ୟଶାସ୍ତ୍ର (3) ସାହିତ୍ୟ ଦର୍ପଣ (4) ଧ୍ୱନ୍ୟାଲୋକ

26. ରାଧାନାଥଙ୍କ 'ତୁଳସୀ ସ୍ତବକ'ରେ କେଉଁ ଦୁଇ ଋତୁର ବର୍ଣ୍ଣନା ରହିଛି ?

(1) ବସନ୍ତ ଓ ଶରତ (2) ଗ୍ରୀଷ୍ମ ଓ ବର୍ଷା (3) ବର୍ଷା ଓ ବସନ୍ତ (4) ବର୍ଷା ଓ ଶରତ

27. ''ବୁଦ୍ଧ ଯୀଶୁର ମନ୍ତ୍ର କାହିଁ ବା କାହିଁ ମହମ୍ମଦ ଖୋଦା
ସବୁ ଦିଅଁ ଆଜି ବଳି ପଡ଼ିଲେଣି,
ମଣିଷ ହୋଇଛି ବୋଦା ।''
ଏହି କବିତାଂଶଟି କାହାର ରଚନା ?

(1) ରବି ସିଂ (2) ରଘୁନାଥ ଦାସ
(3) କାଳିନ୍ଦୀ ଚରଣ ପାଣିଗ୍ରାହୀ (4) ସଚ୍ଚି ରାଉତରାୟ

28. ''ଶୁଣ ହେ ମଣିଷ ଭାଇ
ଝୁରି ମରିବାକୁ, ବୁଡ଼ି ମରିବାକୁ,
ମଣିଷ ଜନମି ନାହିଁ ।''
ଉଦ୍ଧୃତ ପଦଟି କାହା ରଚନାରୁ ଆନୀତ ?
(1) ଭୀମ ଭୋଇ (2) ନିର୍ମଳା ଦେବୀ (3) ମଧୁସୂଦନ ଦାସ (4) କୁନ୍ତଳା କୁମାରୀ

29. 'ସାହାଡ଼ା ସୁନ୍ଦରୀ' କବିତାଟି କେଉଁ ଉପାଦାନ ଆଧାରିତ ପ୍ରତୀକ ?
(1) ଗାନ୍ଧାରୀର ସାହାଡ଼ା ବୃକ୍ଷ ସହ ବିବାହ ଆଖ୍ୟାନ
(2) ଲୋକଗଳ୍ପର ସାହାଡ଼ା ସୁନ୍ଦରୀ ପ୍ରସଙ୍ଗ
(3) ରାମାୟଣର ଶବରୀ ଆଖ୍ୟାନ
(4) ସମ୍ପୂର୍ଣ୍ଣ କାଳ୍ପନିକ ଉପାଦାନ

30. ଓଡ଼ିଆ ଭାଷାର ପ୍ରଥମ ମାସିକ ଶିଶୁ ପତ୍ରିକାଟିର ନାମ କ'ଣ ?
(1) ପ୍ରଭାତ (2) ଜହ୍ନମାମୁ (3) ମୋ ଦେଶ (4) ମନ ପବନ

31. କେଉଁଟି ଦାଶରଥି ଦାସଙ୍କ ସମାଲୋଚନା ଗ୍ରନ୍ଥ ନୁହେଁ ?
(1) ବିଦଗ୍‌ଧ ମାନସ (2) ସାହିତ୍ୟ ବିବେକ (3) ସାହିତ୍ୟ ସନ୍ଧାନ (4) ସାହିତ୍ୟ ସଙ୍ଗମ

32. ଓଡ଼ିଆ ସାହିତ୍ୟରେ କିଏ ଆଚାର୍ଯ୍ୟ ଭାବାନନ୍ଦ ଭାବେ ପରିଚିତ ?
(1) ଭାବଗ୍ରାହୀ ମିଶ୍ର (2) ସଚ୍ଚିଦାନନ୍ଦ ମିଶ୍ର
(3) ସୌଭାଗ୍ୟ କୁମାର ମିଶ୍ର (4) ଚିନ୍ତାମଣି ମିଶ୍ର

33. 'ମୋର ପ୍ରତିବେଶୀବୃନ୍ଦ' କାହାର ଆତ୍ମଜୀବନୀର ଏକ ଅଂଶ ?
(1) କୁଞ୍ଜବିହାରୀ ଦାଶ (2) ଗୋଦାବରୀଶ ମିଶ୍ର
(3) କୃଷ୍ଣଚନ୍ଦ୍ର ପାଣିଗ୍ରାହୀ (4) ସତ୍ୟନାରାୟଣ ରାଜଗୁରୁ

34. 'Oriya Nationalism' ପୁସ୍ତକର ରଚୟିତା କିଏ ?
(1) ଜନ୍ ବୋଲ୍‌ଟନ୍ (2) ଗଗନେନ୍ଦ୍ରନାଥ ଦାଶ (3) ଜନ୍ ବିମସ୍ (4) ନିବେଦିତା ମହାନ୍ତି

35. 'ସନାତନ' ମନୋରଞ୍ଜନ ଦାସଙ୍କ କେଉଁ ନାଟକର ନାୟକ ?
(1) କାଠଘୋଡ଼ା (2) ଅରଣ୍ୟ ଫସଲ (3) ଅମୃତସ୍ୟ ପୁତ୍ରଃ (4) ବନହଂସୀ

36. 'ରାଧାକାନ୍ତ ରଙ୍ଗମଞ୍ଚ' କେଉଁଠି ପ୍ରତିଷ୍ଠା ହୋଇଥିଲା ?
(1) ପାରଳାଖେମୁଣ୍ଡି (2) କଟକ ସହର (3) ପୁରୀ (4) ମାହାଙ୍ଗା

37. ନାଟକରେ ଅଭିନୟକୁ କେତେ ଭାଗରେ ବିଭକ୍ତ କରାଯାଇଅଛି ?

(1) ଦୁଇ ଭାଗ (2) ତିନି ଭାଗ (3) ଚାରି ଭାଗ (4) ପାଞ୍ଚ ଭାଗ

38. ''ସ୍ୱର୍ଗୀୟ ବୃତ୍ତି ମନୁଷ୍ୟକୁ ଦେବରୂପରେ ପରିଣତ କରେ ଓ ନାରକୀୟ ବୃତ୍ତି ରାକ୍ଷସ କରିପକାଏ ।'' - ଏହା କେଉଁ ଉପନ୍ୟାସରୁ ଉଦ୍ଧୃତ ?

(1) ଅନ୍ଧ ଦିଗନ୍ତ (2) ଛମାଣ ଆଠଗୁଣ୍ଠ (3) ମାଟିର ମଣିଷ (4) ପରଜା

39. 'ଇଟାଭାଟିର କାନ୍ଥ' ର ରଚୟିତା କିଏ ?

(1) ସରୋଜ ରଞ୍ଜନ ମହାନ୍ତି (2) ଜୀବନ ପାଣି

(3) ଗାୟତ୍ରୀ ସରାଫ (4) ବନଜ ଦେବୀ

40. ଅସମ୍ପୂର୍ଣ୍ଣ 'ରାଜବୀବୀ' ଉପନ୍ୟାସ କେଉଁ ପତ୍ରିକାରେ ପ୍ରକାଶିତ ହୋଇଥିଲା ?

(1) ଉତ୍କଳ ମଧୁପ (2) ଇନ୍ଦ୍ରଧନୁ (3) ଉତ୍କଳ ସାହିତ୍ୟ (4) ବୋଧଦାୟିନୀ

41. ଯୋଗୀଗୀତର ମୂଳ ପ୍ରସଙ୍ଗ :

(i) ଈଶ୍ୱର ପ୍ରାପ୍ତି (ii) ଅଧ୍ୟାତ୍ମ ଭାବନା (iii) ଭୋଗବାଦିତା (iv) ବୈରାଗ୍ୟ

**ସୂତ୍ର :**

(1) (i) ଓ (iii) ଠିକ୍ (2) (i), (ii) ଓ (iv) ଠିକ୍

(3) (ii) ଓ (iv) ଠିକ୍ (4) (ii) ଓ (iii) ଠିକ୍

42. କେଉଁ ଦୁଇଟିରେ 'ଉତ୍ସାହ' ହିଁ ମୂଳକଥା ?

(i) ରାହାଗୀତ (ii) ନାନାବାୟାଗୀତ (iii) ପାଇକ ଗୀତ (iv) ହୁମୋ ବଉଲି

**ସୂତ୍ର :**

(1) (i) ଓ (iii) ଠିକ୍ (2) (ii) ଓ (iv) ଠିକ୍

(3) (i), (iii) ଓ (iv) ଠିକ୍ (4) (iii) ଓ (iv) ଠିକ୍

43. ଚର୍ଯ୍ୟାଗୀତିକା ଗୁଡ଼ିକରେ ରହିଥାଏ :

(i) ରୂପକାତ୍ମକ ଅଭିବ୍ୟକ୍ତି (ii) ସହଜ ସାଧନାର ଭାବ

(iii) ବାହ୍ୟ ଉପଚାରରେ ପ୍ରାଧାନ୍ୟ (iv) ନାରୀର ଗୁରୁତ୍ୱ

**ସୂତ୍ର :**

(1) (i) ଓ (iii) ଠିକ୍ (2) (ii), (iii) ଓ (iv) ଠିକ୍

(3) (i), (ii) ଓ (iv) ଠିକ୍ (4) (ii) ଓ (iii) ଠିକ୍

**44.** ସଂରଚନା ପଦ୍ଧତିରେ ମିଥ୍‌ର ବିଶ୍ଳେଷଣ ବେଳେ ଲେଭିଷ୍ଟ୍ରାସ କେଉଁ କ୍ରମ ନିର୍ଦ୍ଧାରଣ କରିଛନ୍ତି ?

(i) କ୍ଷୁଦ୍ର କ୍ଷୁଦ୍ର ଅଂଶରେ ମିଥ୍‌ର ବିଭାଜନ (ii) ମିଥ୍‌ର ସଜ୍ଜୀକରଣ

(iii) ମିଥ୍‌ର ବ୍ୟାଖ୍ୟା (iv) ମିଥ୍‌ର ନିର୍ବାଚନ

**ସୂତ୍ର :**

(1) (iv), (ii), (iii), (i) ଠିକ୍ (2) (i), (iii), (ii), (iv) ଠିକ୍

(3) (ii), (i), (iv), (iii) ଠିକ୍ (4) (iv), (i), (ii), (iii) ଠିକ୍

**45.** କେଉଁ ନିମ୍ନ ଗ୍ରନ୍ଥ ଦୁଇଟି କାବ୍ୟ ନୁହେଁ ?

(i) ବିଦଗ୍ଧ ଚିନ୍ତାମଣି (ii) ପ୍ରସ୍ତାବ ଚିନ୍ତାମଣି (iii) ଚରିତ ଚିନ୍ତାମଣି (iv) ନାମ ଚିନ୍ତାମଣି

**ସୂତ୍ର :**

(1) (i) ଓ (ii) ଠିକ୍ (2) (ii) ଓ (iii) ଠିକ୍ (3) (iii) ଓ (iv) ଠିକ୍ (4) (i) ଓ (iii) ଠିକ୍

**46.** କଣ୍ଠ ଦାସ, ଉପେନ୍ଦ୍ର ଭଞ୍ଜ, ବ୍ରଜନାଥ ବଡ଼ଜେନା, ଯୁବଭଞ୍ଜଙ୍କ ସହିତ ନିମ୍ନୋକ୍ତ ରଚନାଗୁଡ଼ିକର ଉପର୍ଯ୍ୟୁକ୍ତ ସଂପର୍କ ସ୍ଥାପନ କର ?

(i) ଷୋଳପୋଇ (ii) ବାରପୋଇ (iii) ନଅପୋଇ (iv) ଦଶପୋଇ

**ସୂତ୍ର :**

(1) (iii), (i), (ii), (iv) ଠିକ୍ (2) (iv), (i), (iii), (ii) ଠିକ୍

(3) (ii), (iii), (i), (iv) ଠିକ୍ (4) (iii), (i), (iv), (ii) ଠିକ୍

**47.** ଇଂରେଜ ପାଦ୍ରୀମାନଙ୍କ ଦ୍ୱାରା ଓଡ଼ିଆ ଅନୂଦିତ ପୁସ୍ତକ ଗୁଡ଼ିକ:

(i) ମୃତ୍ୟୁକାଳୀନ ବଚନ (ii) ସଇତାନର କଳ୍ପନା (iii) ଭ୍ରମଭଂଜନ (iv) ଧର୍ମଯୁଦ୍ଧ

**ସୂତ୍ର :**

(1) (i), (ii), (iii) ଠିକ୍ (2) (i), (iii), (iv) ଠିକ୍

(3) (ii), (iii), (iv) ଠିକ୍ (4) (i), (ii), (iv) ଠିକ୍

**48.** କେଉଁ ଗୁଡ଼ିକ ନଟବର ସାମନ୍ତରାୟଙ୍କ ପୁସ୍ତକ :

(i) କାଳ ଓ କଳା (ii) ଗଳ୍ପ ନୁହେଁ ସମାଲୋଚନା

(iii) କାବ୍ୟ ଓ କଳାକାର (iv) ମୁଁ କିପରି ଗବେଷଣା କଲି

**ସୂତ୍ର :**

(1) (i) ଓ (ii) ଠିକ୍ (2) (ii) ଓ (iii) ଠିକ୍

(3) (i), (ii) ଓ (iv) ଠିକ୍ (4) (iii), (ii) ଓ (iv) ଠିକ୍

**49.** କେଉଁ ଗୁଡ଼ିକ ସମପର୍ଯ୍ୟାୟବାଚୀ ପୁସ୍ତକ ?

(i) Modern Oriya Literature

(ii) Typical Selections from Oriya Literature

(iii) History of Oriya Literature

(iv) Indigenous Literature of Orissa

**ସୂତ୍ର :**

(1) (i) ଓ (ii) ଠିକ୍ (2) (iii) ଓ (iv)ଠିକ୍ (3) (ii) ଓ (iv) ଠିକ୍ (4) (i) ଓ (iii) ଠିକ୍

**50.** କେଉଁଗୁଡ଼ିକ ସମପର୍ଯ୍ୟାୟବାଚୀ ଗଳ୍ପ ?

(i) କାହ୍ନୁଚରଣଙ୍କ 'ବୁଲା' (ii) ରାମଚନ୍ଦ୍ର ବେହେରାଙ୍କ 'ଶୋଷ'

(iii) ବୀଣାପାଣି ମହାନ୍ତିଙ୍କ 'ପାଟଦେଈ' (iv) ଚନ୍ଦ୍ରଶେଖର ରଥଙ୍କ 'ବନ୍ୟାପରେ'

**ସୂତ୍ର :**

(1) (i) ଓ (ii) ଠିକ୍ (2) (ii) ଓ (iv)ଠିକ୍ (3) (iii) ଓ (iv) ଠିକ୍ (4) (i) ଓ (iv) ଠିକ୍

**51.** ଲୋକପ୍ରିୟ ପ୍ରାର୍ଥନା 'ଆହେ ଦୟାମୟ ବିଶ୍ୱ ବିହାରୀ' ର ସ୍ରଷ୍ଟା ନିମ୍ନ କେଉଁ ରଚନାଗୁଡ଼ିକର ଲେଖକ ?

(i) ଓମାର ରୁବାୟତ (ii) ଜୀବନ ତରଙ୍ଗ (iii) ଟମକକାଙ୍କ କୁଟୀର (iv) ଟୁଆଁଟୁଇଁ

**ସୂତ୍ର :**

(1) (i) ଓ (ii) ଠିକ୍ (2) (ii) ଓ (iii) ଠିକ୍ (3) (iii) ଓ (iv) ଠିକ୍ (4) (i) ଓ (iv) ଠିକ୍

**52.** କେଉଁ ରଚନାଗୁଡ଼ିକ 'ମାଟିର ମହାକବି ସାରଳା ଦାସ' ଗ୍ରନ୍ଥର ରଚୟିତାଙ୍କ ଦ୍ୱାରା ଲିଖିତ ?

(i) ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ (ii) ଗୀତା ମହାତ୍ମ୍ୟ

(iii) ଏଣୁତେଣୁ କିଛି (iv) ଗଙ୍ଗବଂଶର ଇତିହାସ

**ସୂତ୍ର :**

(1) (i) ଓ (ii) ଠିକ୍ (2) (ii) ଓ (iv) ଠିକ୍ (3) (ii) ଓ (iii) ଠିକ୍ (4) (i) ଓ (iv) ଠିକ୍

**53.** ନିମ୍ନ ଗ୍ରନ୍ଥଗୁଡ଼ିକ ମଧ୍ୟରୁ ଜଣେ ଲେଖକଙ୍କ ଏକାଧିକ ରଚନା ରହିଛି । ତାହା ନିରୂପଣ କର ।

(i) ମନ୍ଦିର ପ୍ରବେଶ (ii) ପୋଷ୍ୟପୁତ୍ର

(iii) କିଛି କହିବାକୁ ଚାହେଁ (iv) ଅଗ୍ରଜ

**ସୂତ୍ର :**

(1) (i), (ii), (iii) ଠିକ୍ (2) (ii), (iii), (iv) ଠିକ୍

(3) (i), (ii), (iv) ଠିକ୍ (4) (i), (iii), (iv) ଠିକ୍

**54.** ନିମ୍ନସ୍ଥ କେଉଁ ରଚନାଗୁଡ଼ିକ ଗୋପୀନାଥ ମହାନ୍ତିଙ୍କ ଦ୍ୱାରା ରଚିତ ?

(i) ଅନଳନଳ (ii) ଅନାମ (iii) କିକଥା କଲିକତା (iv) ଜାନକାମ୍ମା

**ସୂତ୍ର :**

(1) (i), (iii) ଓ (iv) ଠିକ୍ (2) (i), (ii) ଓ (iii) ଠିକ୍

(3) (ii), (iii) ଓ (iv) ଠିକ୍ (4) (i), (ii) ଓ (iv) ଠିକ୍

**55.** ସୁରେନ୍ଦ୍ର ମହାନ୍ତି ନିଜ ଉପନ୍ୟାସରେ ନିମ୍ନ କେଉଁ କେଉଁ ଐତିହାସିକ ଚରିତ୍ରଙ୍କୁ ଚିତ୍ରଣ କରିଛନ୍ତି ?

(i) କୃଷ୍ଣଦେବ ରାୟ (ii) ଖାରବେଳ (iii) କପିଳେନ୍ଦ୍ର ଦେବ (iv) ପ୍ରତାପରୁଦ୍ର ଦେବ

**ସୂତ୍ର :**

(1) (i) ଓ (ii) ଠିକ୍ (2) (ii) ଓ (iii) ଠିକ୍ (3) (iii) ଓ (iv) ଠିକ୍ (4) (i) ଓ (iv) ଠିକ୍

**56.** ସାରଳା ଦାସଙ୍କ ରଚିତ ମହାଭାରତର ସଜ୍ଜୀକରଣ ଦୃଷ୍ଟିରୁ ନିମ୍ନ ପର୍ବଗୁଡ଼ିକର ଉପଯୁକ୍ତ କ୍ରମ ନିର୍ଦ୍ଦେଶ କର ।

(i) ସଭାପର୍ବ (ii) ଗଦାପର୍ବ (iii) ଭୀଷ୍ମପର୍ବ (iv) ବନପର୍ବ

**ସୂତ୍ର :**

(1) (ii), (iv), (i), (iii) (2) (i), (iv), (iii), (ii)

(3) (iii), (i), (iv), (ii) (4) (ii), (iv), (iii), (i)

**57.** ନିମ୍ନ ରଚନାଗୁଡ଼ିକର ଉପଯୁକ୍ତ କାଳାନୁକ୍ରମ ନିର୍ଦ୍ଧାରଣ କର :

(i) ବୈଦେହୀଶ ବିଳାସ (ii) ଅହଲ୍ୟା (iii) ବିଲଙ୍କା ରାମାୟଣ (iv) ରାଘବ ବିଳାସ

**ସୂତ୍ର :**

(1) (i), (iii), (iv),(ii) (2) (ii), (iv), (i), (iii)

(3) (iv), (iii), (ii), (i) (4) (iii), (i), (iv), (ii)

**58.** କାନ୍ତ କୋଇଲି, ବାରମାସୀ କୋଇଲି, କେଶବ କୋଇଲି ଓ ଅର୍ଥ କୋଇଲି ସହିତ ଉପଯୁକ୍ତ କ୍ରମରେ ନିମ୍ନ ପ୍ରଦତ୍ତ କବିମାନଙ୍କର ସମ୍ପର୍କ ସ୍ଥାପନ କର ।

(i) ଶଙ୍କର ଦାସ (ii) ବଳରାମ ଦାସ (iii) ଜଗନ୍ନାଥ ଦାସ (iv) ମାର୍କଣ୍ଡ ଦାସ

**ସୂତ୍ର :**

(1) (iii), (iv), (i), (ii) (2) (i), (iv), (iii), (ii)

(3) (ii), (i), (iv), (iii) (4) (iv), (i), (iii), (ii)

**59.** ପ୍ରକାଶ କାଳ ଅନୁଯାୟୀ ନିମ୍ନ ଭ୍ରମଣକାହାଣୀ ଗୁଡ଼ିକର ଉପଯୁକ୍ତ କ୍ରମ ନିର୍ଦ୍ଧାରଣ କର :

(i) ଚିତ୍ରୋତ୍ପଳା (ii) କଲିକତା ଦର୍ଶନ (iii) ଦାକ୍ଷିଣାତ୍ୟ ଭ୍ରମଣ (iv) କପିଳାସ ଯାତ୍ରା

**ସୂତ୍ର :**

(1) (ii), (iv), (i), (iii) (2) (iii), (iv), (ii), (i)

(3) (i), (iii), (iv), (ii) (4) (iv), (i), (iii), (ii)

60. ନିମ୍ନ ଦୀର୍ଘ କବିତାଗୁଡ଼ିକର ପ୍ରକାଶ କାଳ ଅନୁଯାୟୀ ଉପଯୁକ୍ତ କ୍ରମ ନିରୂପଣ କର :

(i) ଯଯାତି (ii) ପ୍ରିୟତମା (iii) ଶବରୀ (iv) ବସୁଷେଣ

ସୂତ୍ର :

(1) (iv), (ii), (iii), (i)
(2) (ii), (i), (iv), (iii)
(3) (i), (iii), (ii), (iv)
(4) (iii), (i), (ii), (iv)

61. ସୁରେନ୍ଦ୍ର ମହାନ୍ତିଙ୍କର ନିମ୍ନ ଗଳ୍ପ ସଂକଳନ ଗୁଡ଼ିକୁ ପ୍ରକାଶ କାଳ ଅନୁକ୍ରମରେ ସଜାଅ ।

(i) ଦୁଇ ସୀମାନ୍ତ (ii) କୃଷ୍ଣଚୂଡ଼ା (iii) ମାଂସର କୋଣାର୍କ (iv) ମରାଳର ମୃତ୍ୟୁ

ସୂତ୍ର :

(1) (iv), (i), (iii), (ii)
(2) (ii), (iv), (i), (iii)
(3) (iii), (i), (iv), (ii)
(4) (i), (iii), (iv),(ii)

62. ହଳଦୀ ପତ୍ରର ବାସ୍ନା, ଭାନୁମତୀର ଦେଶ, ସନ୍ଦିଗ୍ଧ ମୃଗୟା ଓ ସମୁଦ୍ର - ଏହି ବହି ଗୁଡ଼ିକ ସହ ଉପଯୁକ୍ତ କ୍ରମରେ ନିମ୍ନ ଲେଖକଙ୍କୁ ସଂପୃକ୍ତ କର ।

(i) ସୀତାକାନ୍ତ ମହାପାତ୍ର (ii) ଭାନୁଜୀ ରାଓ
(iii) ସଚ୍ଚିଦାନନ୍ଦ ରାଉତରାୟ (iv) ରମାକାନ୍ତ ରଥ

ସୂତ୍ର :

(1) (i), (iv), (iii), (ii)
(2) (iii), (iv), (ii), (i)
(3) (ii), (iii), (iv), (i)
(4) (iv), (i), (iii),(ii)

63. ରାମନାଥ ପଣ୍ଡା, ପଣ୍ଡିତ ଆକୁଳି ମିଶ୍ର, ଶ୍ରୀଧର ମହାପାତ୍ର, ଅନନ୍ତ ମିଶ୍ରଙ୍କ ସହିତ ଉପଯୁକ୍ତ କ୍ରମରେ ନିମ୍ନ ପ୍ରଦତ୍ତ ପୁସ୍ତକ ପ୍ରକାଶନ ସଂସ୍ଥାଗୁଡ଼ିକର ସଂପର୍କ ସ୍ଥାପନ କର ।

(i) କଟକ ଷ୍ଟୁଡ଼େଣ୍ଟସ୍ ଷ୍ଟୋର, କଟକ (ii) ବିକାଶ ପ୍ରତିଷ୍ଠାନ, ଜୟପୁର
(iii) କଟକ ଟ୍ରେଡିଂ କମ୍ପାନୀ, କଟକ (iv) ଗ୍ରନ୍ଥ ମନ୍ଦିର, କଟକ

ସୂତ୍ର :

(1) (i), (iii), (iv),(ii)
(2) (iii), (i), (iv), (ii)
(3) (iv), (i), (iii), (ii)
(4) (ii), (iii), (iv),(i)

64. 'ଆରିସା', 'ଅରମା', 'ଖବର', 'କବଲା' ଶବ୍ଦଗୁଡ଼ିକର ନିମ୍ନ ଭାଷା ଗୋଷ୍ଠୀ ସହିତ ଉପଯୁକ୍ତ କ୍ରମରେ ସଂପର୍କ ସ୍ଥାପନ କର ।

(i) ଯାବନିକ (ii) ଆରବିକ (iii) ଦ୍ରାବିଡ଼ (iv) ଅଷ୍ଟ୍ରିକ

ସୂତ୍ର :

(1) (iii), (iv), (i), (ii)
(2) (i), (iii), (ii), (iv)
(3) (iv), (i), (iii), (ii)
(4) (ii), (i), (iii),(iv)

**65.** ସ୍ୱରୋଦୟ, ଅସରନ୍ତି ଅଣସର, ମୃଗୟା, ସୁଖ ସଂହିତା - ଉକ୍ତ କବିତା ଗ୍ରନ୍ଥଗୁଡ଼ିକ ସହିତ ଉପଯୁକ୍ତ କ୍ରମରେ ନିମ୍ନଲିଖିତ କବିମାନଙ୍କର ସମ୍ପର୍କ ସ୍ଥାପନ କର ।

(i) ପ୍ରମୋଦ କୁମାର ମହାନ୍ତି (ii) ଦୀପକ ମିଶ୍ର

(iii) ବଂଶୀଧର ଷଡ଼ଙ୍ଗୀ (iv) ଫନୀ ମହାନ୍ତି

**ସୂତ୍ର :**

(1) (i), (iv), (iii), (ii) (2) (ii),(i), (iii), (iv)

(3) (iv), (ii), (iii), (i) (4) (iii), (i), (iv), (ii)

**66.** ଜନ୍ମକାଳ ଅନୁଯାୟୀ ଲେଖକମାନଙ୍କର କ୍ରମ ନିର୍ଦ୍ଧାରଣ କର ।

(i) ମଧୁସୂଦନ ରାଓ (ii) ସାର୍ ବାସୁଦେବ ସୁଢ଼ଳଦେବ

(iii) ବିକ୍ରମ ଦେବବର୍ମା (iv) ଶ୍ୟାମ ସୁନ୍ଦର ରାଜଗୁରୁ

**ସୂତ୍ର :**

(1) (i), (iv), (iii), (ii) (2) (ii), (i), (iv), (iii)

(3) (iii), (i), (iv), (ii) (4) (iv), (i), (iii), (ii)

**67.** ନିମ୍ନ ଶିଳାଲେଖଗୁଡ଼ିକର ସମ୍ଭାବ୍ୟ ଖୋଦନକାଳ ଅନୁଯାୟୀ ଉପଯୁକ୍ତ କ୍ରମ ନିର୍ଦ୍ଧାରଣ କର ।

(i) ଉରଜାମ (ii) ଜୟବିଜୟ (iii) ଜଉଗଡ଼ (iv) ହାତୀଗୁମ୍ଫା

**ସୂତ୍ର :**

(1) (iii), (iv), (i), (ii) (2) (ii), (iv), (iii), (i)

(3) (iv), (ii), (i), (iii) (4) (i), (iv), (ii), (iii)

**68.** ପ୍ରତିଷ୍ଠା କାଳ ଅନୁଯାୟୀ ନିମ୍ନ ପ୍ରେସ୍ ଗୁଡ଼ିକର ଉପଯୁକ୍ତ କ୍ରମ ନିର୍ଦ୍ଧାରଣ କର ।

(i) ସାରସ୍ୱତ ପ୍ରେସ୍ (ii) କଟକ ପ୍ରିଣ୍ଟିଂ କମ୍ପାନୀ

(iii) ଭିକ୍ଟୋରିଆ ପ୍ରେସ୍ (iv) ଉତ୍କଳ ପ୍ରିଣ୍ଟିଂ କମ୍ପାନୀ

**ସୂତ୍ର :**

(1) (ii), (iv), (i), (iii) (2) (iv), (i), (iii), (ii)

(3) (iii), (ii), (iv), (i) (4) (ii), (iv), (iii), (i)

**69.** ରାଧାମୋହନ ଗଡ଼ନାୟକଙ୍କ ନିମ୍ନ ଗ୍ରନ୍ଥଗୁଡ଼ିକର ପ୍ରକାଶନ କାଳ ଦୃଷ୍ଟିରୁ ଉପଯୁକ୍ତ କ୍ରମ ନିର୍ଦ୍ଦେଶ କର ।

(i) ମୌସୁମୀ (ii) ଶାମୁକାର ସ୍ୱପ୍ନ (iii) ଦୁଇଟି ତାହାର ଡେଣା (iv) ପଶୁପକ୍ଷୀର କାବ୍ୟ

**ସୂତ୍ର :**

(1) (ii), (i), (iv), (iii) (2) (i), (iii), (iv), (ii)

(3) (iii), (iv), (i), (ii) (4) (iv), (i), (iii), (ii)

70. ପ୍ରକାଶ କାଳ ଦୃଷ୍ଟିରୁ ନିମ୍ନ ପତ୍ରିକାଗୁଡ଼ିକର ଉପଯୁକ୍ତ କ୍ରମ ନିର୍ଦ୍ଧାରଣ କର ।

(1) ଉତ୍କଳ ବନ୍ଧୁ, ଉତ୍କଳ ପୁତ୍ର, ଉତ୍କଳ ଦୀପିକା, ଉତ୍କଳ ପ୍ରଭା

(2) ଉତ୍କଳ ଦୀପିକା, ଉତ୍କଳ ପୁତ୍ର, ଉତ୍କଳ ପ୍ରଭା, ଉତ୍କଳ ବନ୍ଧୁ

(3) ଉତ୍କଳ ପ୍ରଭା, ଉତ୍କଳ ଦୀପିକା, ଉତ୍କଳ ବନ୍ଧୁ, ଉତ୍କଳ ପୁତ୍ର

(4) ଉତ୍କଳ ଦୀପିକା, ଉତ୍କଳ ବନ୍ଧୁ, ଉତ୍କଳ ପୁତ୍ର, ଉତ୍କଳ ପ୍ରଭା

71. ଜନ୍ମକାଳ ଦୃଷ୍ଟିରୁ ନିମ୍ନ ଲେଖିକା ମାନଙ୍କର କେଉଁ କ୍ରମଟି ଠିକ ?

(1) ରେବାରାୟ, ଅନ୍ନପୂର୍ଣ୍ଣା ଦେବୀ, ରମାଦେବୀ, ସରଳା ଦେବୀ

(2) ଅନ୍ନପୂର୍ଣ୍ଣା ଦେବୀ, ରମାଦେବୀ, ସରଳା ଦେବୀ, ରେବାରାୟ

(3) ରମାଦେବୀ, ରେବାରାୟ, ଅନ୍ନପୂର୍ଣ୍ଣା ଦେବୀ, ସରଳା ଦେବୀ

(4) ସରଳା ଦେବୀ, ଅନ୍ନପୂର୍ଣ୍ଣା ଦେବୀ, ରମାଦେବୀ, ରେବାରାୟ

72. ନିମ୍ନସ୍ଥ କେଉଁ ଯୁଗ୍ମକଟି **ଉପଯୁକ୍ତ ନୁହେଁ** ?

(1) ଜାତୀୟ ଜୀବନ ----- ମଧୁସୂଦନ ଦାସ

(2) ଓଡ଼ିଆ ଜାତି କିଏ ----- ଗୋପବନ୍ଧୁ ଦାସ

(3) ଜାତୀୟତାର ଭିତ୍ତିଭୂମି ----- ନୀଳକଣ୍ଠ ଦାସ

(4) ଜାତୀୟତା ଓ ଆନ୍ତର୍ଜାତିକତା ----- ରାଧାନାଥ ରଥ

73. ନିମ୍ନ କେଉଁ ଯୁଗ୍ମକଟି **ଉପଯୁକ୍ତ ନୁହେଁ** ?

(1) ଲୁଇପା ----- କାଆତରୁବର ପଞ୍ଚବି ଡାଳ

(2) କାହ୍ନୁପା ----- ନଗର ବାହିରିରେ ଡୋମ୍ବି

(3) ଜାଳନ୍ଧରୀପାଦ ----- ଭଜଇଣ ମୁଗ ବିଅ ହୋଇ

(4) ଶବରୀ ପାଦ ----- ଉଁଚା ଉଁଚା ପାବତ ତହିଁ ବସଇ

74. ନିମ୍ନସ୍ଥ ଯୁଗ୍ମକ ମାନଙ୍କ ମଧ୍ୟରୁ କେଉଁଟି **ଉପଯୁକ୍ତ ନୁହେଁ** ?

(1) ଗୀତି କବିତା ----- ଆବେଗ

(2) ଚତୁର୍ଦ୍ଦଶପାଦୀ କବିତା----- ଚତୁର୍ବିଧ

(3) ସମ୍ବୋଧ ଗୀତିକା ----- ବକ୍ତବ୍ୟ

(4) ରାହାଗୀତ ----- ଉତ୍ସାହ

75. **"କ"** ସ୍ତମ୍ଭ ସହିତ **"ଖ"** ସ୍ତମ୍ଭର ଉପଯୁକ୍ତ ସମ୍ପର୍କ ନିରୂପଣ କର ।

| **"କ" ସ୍ତମ୍ଭ** | | **"ଖ" ସ୍ତମ୍ଭ** | |
|---|---|---|---|
| (a) | ବିରାଟ ଗୀତା | (i) | ସଗୁଣ ଓ ନିର୍ଗୁଣ ଉପାସନା |
| (b) | ଗୁରୁଭକ୍ତି ଗୀତା | (ii) | ସୃଷ୍ଟିତତ୍ତ୍ୱ |
| (c) | ତୁଳାଭିଣା | (iii) | ଜଗନ୍ନାଥ ଓ ବୁଦ୍ଧଙ୍କ ଅଭେଦ କଳ୍ପନା |
| (d) | ହେତୁ ଉଦୟ ଭାଗବତ | (iv) | ଶୂନ୍ୟବାଦ |

**ସୂତ୍ର :**

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (i) | (iii) | (iv) | (ii) |
| (2) | (ii) | (iii) | (i) | (iv) |
| (3) | (iii) | (ii) | (i) | (iv) |
| (4) | (iv) | (i) | (ii) | (iii) |

76. **"କ"** ସ୍ତମ୍ଭ ସହିତ **"ଖ"** ସ୍ତମ୍ଭର ଉପଯୁକ୍ତ ସମ୍ପର୍କ ନିରୂପଣ କର ।

| **"କ" ସ୍ତମ୍ଭ** | | **"ଖ" ସ୍ତମ୍ଭ** | |
|---|---|---|---|
| (a) | ଦନାଇ ଦାସ | (i) | ନୃସିଂହ ପୁରାଣ |
| (b) | ପୀତାମ୍ବର ଦାସ | (ii) | ଶ୍ୟାମ ରାସୋତ୍ସବ |
| (c) | ଭୂପତି ପଣ୍ଡିତ | (iii) | ଗୋପୀଭାଷା |
| (d) | ବ୍ରଜନାଥ ବଡ଼ଜେନା | (iv) | ପ୍ରେମ ପଞ୍ଚାମୃତ |

**ସୂତ୍ର :**

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (i) | (ii) | (iv) | (iii) |
| (2) | (ii) | (iv) | (i) | (iii) |
| (3) | (iii) | (i) | (iv) | (ii) |
| (4) | (iv) | (iii) | (ii) | (i) |

77. **"କ"** ସ୍ତମ୍ଭ ସହିତ **"ଖ"** ସ୍ତମ୍ଭର ଉପଯୁକ୍ତ ସମ୍ପର୍କ ନିରୂପଣ କର ।

| **"କ" ସ୍ତମ୍ଭ** | | **"ଖ" ସ୍ତମ୍ଭ** | |
|---|---|---|---|
| (a) | ଦାଶରଥି ଦାସ୍ | (i) | କାବ୍ୟ ଓ କଳାକାର |
| (b) | ସୁଦର୍ଶନ ଆଚାର୍ଯ୍ୟ | (ii) | କାବ୍ୟ ପ୍ରକରଣ |
| (c) | ଚିନ୍ତାମଣି ବେହେରା | (iii) | କାବ୍ୟ ସମ୍ବାଦ |
| (d) | ନିତ୍ୟାନନ୍ଦ ଶତପଥୀ | (iv) | କାବ୍ୟ କୌଶଳ |

**ସୂତ୍ର :**

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (i) | (iv) | (iii) | (ii) |
| (2) | (iii) | (iv) | (i) | (ii) |
| (3) | (ii) | (iii) | (i) | (iv) |
| (4) | (iv) | (i) | (ii) | (iii) |

78. **"କ"** ସ୍ତମ୍ଭ ସହିତ **"ଖ"** ସ୍ତମ୍ଭର ଉପଯୁକ୍ତ ସମ୍ପର୍କ ନିରୂପଣ କର ।

| | **"କ" ସ୍ତମ୍ଭ** | | **"ଖ" ସ୍ତମ୍ଭ** |
|---|---|---|---|
| (a) | ଚନ୍ଦ୍ରମୋହନ ମହାରଣା | (i) | ସାହିତ୍ୟ କୁସୁମ |
| (b) | ରାମକୃଷ୍ଣ ନନ୍ଦ | (ii) | କଥାବଳୀ |
| (c) | ଉଦୟନାଥ ଷଡ଼ଙ୍ଗୀ | (iii) | ସାହିତ୍ୟବୋଧ |
| (d) | ମଧୁସୂଦନ ରାଓ | (iv) | ଟୁଉକୁ ମୂଷି |

**ସୂତ୍ର :**

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (i) | (iii) | (iv) | (ii) |
| (2) | (iii) | (i) | (iv) | (ii) |
| (3) | (iv) | (ii) | (i) | (iii) |
| (4) | (ii) | (iii) | (iv) | (i) |

79. **"କ"** ସ୍ତମ୍ଭ ସହିତ **"ଖ"** ସ୍ତମ୍ଭର ଉପଯୁକ୍ତ ସମ୍ପର୍କ ନିରୂପଣ କର ।

| | **"କ" ସ୍ତମ୍ଭ** | | **"ଖ" ସ୍ତମ୍ଭ** |
|---|---|---|---|
| (a) | ଆହ୍ନିକ | (i) | ଜୟନ୍ତ ମହାପାତ୍ର |
| (b) | କେତେଦୂର | (ii) | ଜଗନ୍ନାଥ ପ୍ରସାଦ ଦାସ |
| (c) | ବଳି | (iii) | ରବି ସିଂ |
| (d) | ନବମ ସ୍ୱର୍ଗ | (iv) | ଗୋପାଳକୃଷ୍ଣ ରଥ |

**ସୂତ୍ର :**

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (i) | (iv) | (iii) | (ii) |
| (2) | (iv) | (ii) | (i) | (iii) |
| (3) | (ii) | (iv) | (i) | (iii) |
| (4) | (iii) | (i) | (iv) | (ii) |

80. **"କ"** ସ୍ତମ୍ଭ ସହିତ **"ଖ"** ସ୍ତମ୍ଭର ଉପଯୁକ୍ତ ସମ୍ପର୍କ ନିରୂପଣ କର ।

| | **"କ" ସ୍ତମ୍ଭ** | | **"ଖ" ସ୍ତମ୍ଭ** |
|---|---|---|---|
| (a) | ଉତ୍ତର ଉପନିବେଶ ବାଦ | (i) | A Literature of their own |
| (b) | ନାରୀବାଦ | (ii) | A Course in General Linguistics |
| (c) | ସଂରଚନା ବାଦ | (iii) | Nation and Narration |
| (d) | ବିଗଠନ ବାଦ | (iv) | Speech and Phenomena |

**ସୂତ୍ର :**

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (iii) | (i) | (ii) | (iv) |
| (2) | (i) | (ii) | (iii) | (iv) |
| (3) | (iv) | (ii) | (i) | (iii) |
| (4) | (ii) | (iv) | (iii) | (i) |

81. **"କ"** ସ୍ତମ୍ଭ ସହିତ **"ଖ"** ସ୍ତମ୍ଭର ଉପଯୁକ୍ତ ସମ୍ପର୍କ ନିରୂପଣ କର ।

| **"କ" ସ୍ତମ୍ଭ** | | **"ଖ" ସ୍ତମ୍ଭ** | |
|---|---|---|---|
| (a) | ଜାକ୍ ଲାକାନ | (i) | ମାର୍କସବାଦୀ |
| (b) | ସାଇମନ ଦ ବୁଭାର | (ii) | ମନସ୍ତତ୍ତ୍ୱବାଦୀ |
| (c) | ଜର୍ଜ ଲୁକାସ | (iii) | ବିଗଠନବାଦୀ |
| (d) | ଜାକ୍ ଡେରିଡ଼ା | (iv) | ନାରୀବାଦୀ |

**ସୂତ୍ର :**

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (i) | (iii) | (ii) | (iv) |
| (2) | (ii) | (iv) | (i) | (iii) |
| (3) | (ii) | (iv) | (iii) | (i) |
| (4) | (iii) | (i) | (iv) | (ii) |

82. **"କ"** ସ୍ତମ୍ଭ ସହିତ **"ଖ"** ସ୍ତମ୍ଭର ଉପଯୁକ୍ତ ସମ୍ପର୍କ ନିରୂପଣ କର ।

| **"କ" ସ୍ତମ୍ଭ** | | **"ଖ" ସ୍ତମ୍ଭ** | |
|---|---|---|---|
| (a) | Buddhism in Orissa | (i) | କୃଷ୍ଣଚରଣ ସାହୁ |
| (b) | The cult of Jagannath | (ii) | ଜନ ବୋଲଟନ୍ |
| (c) | Literature and Social life in Mediaeval Orissa | (iii) | କାହ୍ନୁଚରଣ ମିଶ୍ର |
| (d) | Fakirmohan and his times | (iv) | ନବୀନକୁମାର ସାହୁ |

**ସୂତ୍ର :**

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (iv) | (iii) | (i) | (ii) |
| (2) | (ii) | (iv) | (i) | (iii) |
| (3) | (iii) | (i) | (ii) | (iv) |
| (4) | (i) | (iv) | (iii) | (ii) |

83. **"କ"** ସ୍ତମ୍ଭ ସହିତ **"ଖ"** ସ୍ତମ୍ଭର ଉପଯୁକ୍ତ ସମ୍ପର୍କ ନିରୂପଣ କର ।

| **"କ" ସ୍ତମ୍ଭ** | | **"ଖ" ସ୍ତମ୍ଭ** | |
|---|---|---|---|
| (a) | ପଞ୍ଚସଖା: ଏକ ପ୍ରବଞ୍ଚନା | (i) | କୃଷ୍ଣଚରଣ ସାହୁ |
| (b) | ପଞ୍ଚସଖା ପ୍ରବଞ୍ଚନା ନୁହେଁ | (ii) | ରତ୍ନାକର ସାହୁ |
| (c) | ସାଖାହୀନ ପଞ୍ଚସଖା | (iii) | ସଚ୍ଚିଦାନନ୍ଦ ମିଶ୍ର |
| (d) | ପଞ୍ଚସଖା ସତ୍ୟ ନା ପ୍ରହସନ ? | (iv) | ନଟବର ସାମନ୍ତରାୟ |

**ସୂତ୍ର :**

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (i) | (ii) | (iv) | (iii) |
| (2) | (ii) | (iv) | (i) | (iii) |
| (3) | (iii) | (i) | (iv) | (ii) |
| (4) | (iv) | (ii) | (iii) | (i) |

84. **"କ"** ସ୍ତମ୍ଭ ସହିତ **"ଖ"** ସ୍ତମ୍ଭର ଉପଯୁକ୍ତ ସମ୍ପର୍କ ନିରୂପଣ କର ।

| **"କ" ସ୍ତମ୍ଭ** | | **"ଖ" ସ୍ତମ୍ଭ** | |
|---|---|---|---|
| (a) | ରାଧାମୋହନ ରାଜେନ୍ଦ୍ରଦେବ | (i) | ଖଡ଼ିଆଳ |
| (b) | ପଦ୍ମନାଭ ନାରାୟଣ ଦେବ | (ii) | ଚିକିଟୀ |
| (c) | ବୀର ବିକ୍ରମ ଦେବ | (iii) | ଜୟପୁର |
| (d) | ବିକ୍ରମ ଦେବ | (iv) | ପାରଳାଖେମୁଣ୍ଡି |

**ସୂତ୍ର :**

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (i) | (iii) | (iv) | (ii) |
| (2) | (iii) | (ii) | (i) | (iv) |
| (3) | (iv) | (iii) | (i) | (ii) |
| (4) | (ii) | (iv) | (i) | (iii) |

85. **"କ"** ସ୍ତମ୍ଭ ସହିତ **"ଖ"** ସ୍ତମ୍ଭର ଉପଯୁକ୍ତ ସମ୍ପର୍କ ନିରୂପଣ କର ।

| **"କ" ସ୍ତମ୍ଭ** | | **"ଖ" ସ୍ତମ୍ଭ** | |
|---|---|---|---|
| (a) | କାବ୍ୟାଳଙ୍କାର | (i) | ଆନନ୍ଦବର୍ଦ୍ଧନ |
| (b) | କାବ୍ୟପ୍ରକାଶ | (ii) | ରାଜଶେଖର |
| (c) | ଧ୍ୱନ୍ୟାଲୋକ | (iii) | ଭାମହ |
| (d) | କାବ୍ୟମୀମାଂସା | (iv) | ମମ୍ମଟ |

**ସୂତ୍ର :**

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (iii) | (iv) | (i) | (ii) |
| (2) | (ii) | (iv) | (i) | (iii) |
| (3) | (iii) | (i) | (iv) | (ii) |
| (4) | (iv) | (iii) | (ii) | (i) |

86. **"କ"** ସ୍ତମ୍ଭ ସହିତ **"ଖ"** ସ୍ତମ୍ଭର ଉପଯୁକ୍ତ ସମ୍ପର୍କ ନିରୂପଣ କର ।

| **"କ" ସ୍ତମ୍ଭ** | | **"ଖ" ସ୍ତମ୍ଭ** | |
|---|---|---|---|
| (a) | ତୁମ ଗାଁ | (i) | ପ୍ରମୋଦ କୁମାର ମହାନ୍ତି |
| (b) | ଗାଁ ମଶାଣି | (ii) | ମନୋଜ ଦାସ |
| (c) | ଅଣଭୁଲା ନିଜ ଗାଁ | (iii) | ସୀତାକାନ୍ତ ମହାପାତ୍ର |
| (d) | ଆମ ଗାଁ | (iv) | ଜଗନ୍ନାଥ ପ୍ରସାଦ ଦାସ |

**ସୂତ୍ର :**

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (ii) | (i) | (iii) | (iv) |
| (2) | (i) | (iii) | (iv) | (ii) |
| (3) | (ii) | (iv) | (i) | (iii) |
| (4) | (iv) | (i) | (iii) | (ii) |

87. **ସ୍ଥାପନା (Assertion) :** ସାଂସ୍କୃତିକ ଏକରୂପତା ସାହିତ୍ୟ ଓ ଗଣତନ୍ତ୍ରରେ ଅନିବାର୍ଯ୍ୟ ଅଟେ ।

**ଯୁକ୍ତି (Reason) :** କାରଣ, ବହୁରୂପତାବାଦ ସାହିତ୍ୟିକ ସଂବେଦନାକୁ ବିଘ୍ନିତ କରିଥାଏ ।

(1) **(A)** ଓ **(R)** ଉଭୟ ଠିକ୍ (2) **(A)** ଓ **(R)** ଉଭୟ ଭୁଲ୍

(3) **(A)** ଠିକ୍ ଓ **(R)** ଭୁଲ୍ (4) **(A)** ଭୁଲ୍ ଓ **(R)** ଠିକ୍

88. **ସ୍ଥାପନା (Assertion) :** ରହସ୍ୟରୋମାଞ୍ଚଧର୍ମୀ ଉପନ୍ୟାସର ସଫଳତା ପାଇଁ ଏହାର ଦ୍ୱୈତ ବିପରୀତ (Binary opposition) ଧର୍ମୀ ଗଠନ ଜରୁରୀ ।

**ଯୁକ୍ତି (Reason) :** କାରଣ, ଏହାଦ୍ୱାରା ରହସ୍ୟ ଘନୀଭୂତ ଓ ଉତ୍କଣ୍ଠା କ୍ରମବର୍ଦ୍ଧିଷ୍ଣୁ ହୋଇଥାଏ ।

(1) **(A)** ଠିକ୍ ଓ **(R)** ଭୁଲ୍ (2) **(A)** ଓ **(R)** ଉଭୟ ଠିକ୍

(3) **(A)** ଭୁଲ୍ ଓ **(R)** ଠିକ୍ (4) **(A)** ଓ **(R)** ଉଭୟ ଭୁଲ୍

89. **ସ୍ଥାପନା (Assertion) :** ସାହିତ୍ୟ ମଣିଷର ଅଭିଜାତ ଚିତ୍ତବୃତ୍ତିର ପ୍ରତିଫଳନ ଅଟେ ।

**ଯୁକ୍ତି (Reason) :** କାରଣ, ସାହିତ୍ୟରେ ଅଭିବ୍ୟକ୍ତ ଭାବ ଓ ବିଚାର ସାଧାରଣ ଜନତାଙ୍କ ଅନୁଭୂତି ନୁହେଁ ।

(1) **(A)** ଠିକ୍ ଓ **(R)** ଭୁଲ୍ (2) **(A)** ଓ **(R)** ଉଭୟ ଠିକ୍

(3) **(A)** ଓ **(R)** ଉଭୟ ଭୁଲ୍ (4) **(A)** ଭୁଲ୍ ଓ **(R)** ଠିକ୍

90. **ସ୍ଥାପନା (Assertion) :** ଲୋକଗାଥାର ନିର୍ମାଣ, ସାମୂହିକ ଅବଚେତନାର ପ୍ରକ୍ରିୟା ପ୍ରସୂତ ।

**ଯୁକ୍ତି (Reason) :** କାରଣ, ଏହାର ନିର୍ମାଣ ପ୍ରକ୍ରିୟା ଲୋକଙ୍କ ଭିତରେ ଅହରହ ଚାଲିଥାଏ ।

(1) **(A)** ଓ **(R)** ଉଭୟ ଠିକ୍ (2) **(A)** ଭୁଲ୍ ଓ **(R)** ଠିକ୍

(3) **(A)** ଠିକ ଓ **(R)** ଭୁଲ୍ (4) **(A)** ଓ **(R)** ଉଭୟ ଭୁଲ୍

91. **ସ୍ଥାପନା (Assertion) :** କଳାକାର ସତ୍ୟକୁ ସୁନ୍ଦର କରି ଶିବତ୍ୱର ଉପଲବ୍ଧି କରାଏ ।

**ଯୁକ୍ତି (Reason) :** ସୃଜନ ପ୍ରକ୍ରିୟା ତେଣୁ କଳାକାରର ଆତ୍ମକଲ୍ୟାଣ ଅଟେ, ଲୋକ କଲ୍ୟାଣକାରୀ ନୁହେଁ ।

(1) **(A)** ଠିକ୍ ଓ **(R)** ଭୁଲ୍ (2) **(A)** ଓ **(R)** ଉଭୟ ଠିକ୍

(3) **(A)** ଭୁଲ୍ ଓ **(R)** ଠିକ୍ (4) **(A)** ଓ **(R)** ଉଭୟ ଭୁଲ୍

92. **ସ୍ଥାପନା (Assertion) :** 'ରସୌ ବୈ ସଃ'

**ଯୁକ୍ତି (Reason) :** ତେଣୁ 'ବ୍ରହ୍ମାସ୍ୱାଦ ସହୋଦର' ବୋଲି ରସକୁ କୁହାଯାଇଛି ।

(1) **(A)** ଠିକ୍ ଓ **(R)** ଭୁଲ୍ (2) **(A)** ଓ **(R)** ଉଭୟ ଠିକ୍

(3) **(A)** ଭୁଲ୍ ଓ **(R)** ଠିକ୍ (4) **(A)** ଓ **(R)** ଉଭୟ ଭୁଲ୍

93. **ସ୍ଥାପନା (Assertion) :** ଶ୍ରୀଜଗନ୍ନାଥ ଓଡ଼ିଶାର ଇଷ୍ଟଦେବତା ଭାବେ ପରିଚିତ ।

**ଯୁକ୍ତି (Reason) :** ପ୍ରତିଟି ଓଡ଼ିଶାବାସୀ ଶ୍ରୀଜଗନ୍ନାଥଙ୍କୁ ଭକ୍ତି କରନ୍ତି, ତେଣୁ ସେ ଓଡ଼ିଶାର ଇଷ୍ଟଦେବତା ଭାବେ ସ୍ୱୀକୃତ ।

(1) **(A)** ଓ **(R)** ଉଭୟ ଭୁଲ୍ (2) **(A)** ଠିକ୍ ଓ **(R)** ଭୁଲ୍

(3) **(A)** ଓ **(R)** ଉଭୟ ଠିକ୍ (4) **(A)** ଭୁଲ୍ ଓ **(R)** ଠିକ୍

94. **ସ୍ଥାପନା (Assertion) :** କଳା ପ୍ରକୃତିର ଅନୁଗତ ।

**ଯୁକ୍ତି (Reason) :** କାରଣ, କଳା, ପ୍ରକୃତିର ଅନୁସରଣରେ ସୃଷ୍ଟ ।

(1) **(A)** ଠିକ୍ ଓ **(R)** ଭୁଲ୍ (2) **(A)** ଓ **(R)** ଉଭୟ ଠିକ୍

(3) **(A)** ଭୁଲ୍ ଓ **(R)** ଠିକ୍ (4) **(A)** ଓ **(R)** ଉଭୟ ଭୁଲ୍

95. **ସ୍ଥାପନା (Assertion) :** 'ଉତ୍କଳର ଋତୁଚିତ୍ର'ପୁସ୍ତକରେ 'ବସନ୍ତ ଋତୁ' ର ବର୍ଣ୍ଣନା ପ୍ରଥମେ କରାଯାଇ ତଦନୁକ୍ରମେ ଋତୁଚକ୍ରର ବର୍ଣ୍ଣନା ରହିଛି ।

**ଯୁକ୍ତି (Reason) :** ଭାରତ ପରି କୃଷି ପ୍ରଧାନ ଦେଶରେ 'ବସନ୍ତ' ର ମହତ୍ତ୍ୱ କୃଷିଭିତ୍ତିକ ଦୃଷ୍ଟିକୋଣରୁ ତାତ୍ପର୍ଯ୍ୟପୂର୍ଣ୍ଣ । ତେଣୁ 'ବସନ୍ତ' ପ୍ରଥମେ ବର୍ଣ୍ଣିତ ହୋଇଛି ।

(1) **(A)** ଠିକ୍ ଓ **(R)** ଭୁଲ୍ (2) **(A)** ଭୁଲ୍ ଓ **(R)** ଠିକ୍

(3) **(A)** ଓ **(R)** ଉଭୟ ଠିକ୍ (4) **(A)** ଓ **(R)** ଉଭୟ ଭୁଲ୍

96. **ସ୍ଥାପନା (Assertion) :** ଯାହାଦ୍ୱାରା ମନର ଭାବ ସ୍ୱଷ୍ଟ ରୂପେ ପ୍ରକାଶିତ ହୁଏ, ତାହାହିଁ ଭାଷା ।

**ଯୁକ୍ତି (Reason) :** ଭାଷା ହିଁ ଏକମାତ୍ର ମାଧ୍ୟମ, ଯାହାଦ୍ୱାରା ମନର ଭାବ ଅଭିବ୍ୟକ୍ତ ହୋଇଥାଏ ।

(1) **(A)** ଓ **(R)** ଉଭୟ ଭୁଲ୍ (2) **(A)** ଭୁଲ୍ ଓ **(R)** ଠିକ୍

(3) **(A)** ଓ **(R)** ଉଭୟ ଠିକ୍ (4) **(A)** ଠିକ୍ ଓ **(R)** ଭୁଲ୍

**ନିମ୍ନ ଅନୁଚ୍ଛେଦଟି ପଢ଼ି ପରବର୍ତ୍ତୀ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।**

'ସଂସ୍କୃତି' ଶବ୍ଦ ଦ୍ୱାରା ବେଳେବେଳେ ଲୋକାଚାର ସଙ୍କେତିତ ହୋଇଥାଏ । ସେ ଅର୍ଥରେ ବିଚାର କଲେ ମଧ୍ୟ ଜଗନ୍ନାଥ-ଉପାସନାରେ ଆଦର୍ଶ ଲୋକାଚାର ଅତି ଚମତ୍କାର ପ୍ରଣାଳୀରେ ଗର୍ଭିତ ଥିବା ଜଣାପଡ଼େ । ଜଗନ୍ନାଥଙ୍କୁ ଦେଖିଲେ ପ୍ରଥମେ ମନେହୁଏ, ଏହା ଦେବତାର ପ୍ରତିଷ୍ଠା ନା ଗୃହସ୍ଥର ? କାରଣ, ଏଥିରେ ଦିବ୍ୟଭାବନା ଆଦୌ ଦେଖିବାକୁ ମିଳେ ନାହିଁ - ଏ ପୂରାପୂରି ଜାଗତିକ - ମାନବିକ । ତା' ନ ହେଲେ ସାଧାରଣ ଗୃହସ୍ଥଙ୍କ ପରି ଜଗନ୍ନାଥଙ୍କ ଘରେ ଦୀପାବଳୀ ଉତ୍ସବ, ପୟାଶ୍ରାଦ୍ଧ, ଅନବସରାଦିର ବ୍ୟବସ୍ଥା ରହନ୍ତା ନାହିଁ କିମ୍ବା ନବକଳେବରକାଳୀନ ଅନ୍ତେଷ୍ଟିକ୍ରିୟା ପ୍ରୟୋଜନ ହୁଅନ୍ତା ନାହିଁ । ଏଠାରେ ଦେବତା ଦିବ୍ୟଧର୍ମୀ ନୁହନ୍ତି - ଖାଣ୍ଟି ଲୋକଧର୍ମୀ - ଗୃହସ୍ଥ । ଗୃହସ୍ଥ ଘରକୁ କେହି ବନ୍ଧୁ ଦର୍ଶନ ଅଭିଳାଷ ରଖି ଯିବାବେଳେ କୌଣସି ବିଧି-ନିଷେଧ ନଥାଏ । ଯେ ଯେତେବେଳେ ସୁବିଧା ପାଏ ଯାଇ ଭେଟି ଆସେ । ଏଇଟି ବି ସେଇ କଥା । ଯେକୌଣସି ଲୋକ ଯେକୌଣସି ସମୟରେ ପାଲିଙ୍କିରେ ବସି ଆସୁ ବା ଧୂଳିଆ ପାଦରେ ଚାଲି ଚାଲି ଆସୁ, ସେଥିରେ କିଛି କହିବାର ନାହିଁ; ସିଧାସଳଖ ରତ୍ନସିଂହାସନ ପାଖକୁ ଯାଇ ଦର୍ଶନ କରିପାରେ । ଏହାରି ନାଁ ଧୂଳିଆ ଦର୍ଶନ - ଆମ ଭାରତର ଲୋକାଚାର ।

97. ଲୋକାଚାରର ପ୍ରତିଫଳନ କାହିଁକି 'ସଂସ୍କୃତି' ମଧ୍ୟରେ ଘଟିଥାଏ ?

(1) ଲୋକାଚାର ଯାହା, ତାହା ମଧ୍ୟ ସଂସ୍କୃତି ।

(2) ସଂସ୍କୃତି, ଲୋକାଚାରର ଅଂଶ ବିଶେଷ ।

(3) ଲୋକାଚାରରୁ ସଂସ୍କୃତି ଗଠିତ ହୁଏ ।

(4) ସଂସ୍କୃତିର ପରିମାର୍ଜନାରେ ଲୋକାଚାରର ସୃଷ୍ଟି ।

**98.** ଜଗନ୍ନାଥଙ୍କୁ ଦେଖିଲେ କାହିଁକି 'ଦେବତା'ବା 'ଗୃହସ୍ଥ'ର ଭ୍ରମ ସୃଷ୍ଟି ହୁଏ ?

(1) 'ଜଗନ୍ନାଥ'ଙ୍କ ପାଖରେ ଦେବତାର ଐଶ୍ୱର୍ଯ୍ୟ ଓ ଦିବ୍ୟତା ଅପେକ୍ଷା ଗୃହସ୍ଥର ସାଂସାରିକତା ଅଧିକ ।

(2) 'ଜଗନ୍ନାଥ'ଙ୍କ ପାଖରେ ବଡ଼ ସାନର ଭେଦ ନ ଥାଏ ।

(3) 'ଜଗନ୍ନାଥ'ଙ୍କ ପାଖରେ ସବୁ ବିଶିଷ୍ଟ ପର୍ବପର୍ବାଣି ପାଳନ କରାଯାଏ ।

(4) 'ଜଗନ୍ନାଥ'ମାନବିକ ଗୁଣାବଳୀ ସମ୍ପନ୍ନ ।

**99.** ଦେବତାଙ୍କୁ 'ଲୋକଧର୍ମୀ' କୁହାଯିବାର କାରଣ କଣ ?

(1) ଲୋକ ସାଧାରଣରେ ଜଗନ୍ନାଥଙ୍କ ପ୍ରତିଷ୍ଠା ଅସୀମ ।

(2) ସାଧାରଣ ଲୋକଙ୍କ ସାଂସାରିକ ଚଳଣି ଶ୍ରୀମନ୍ଦିରରେ ଅନୁସୃତ ।

(3) 'ଜଗନ୍ନାଥ ଧର୍ମ' ଏକ ଲୋକଧର୍ମରେ ପରିଣିତ ।

(4) ଦେବତା ଓ ସାଧାରଣ ଲୋକଙ୍କ ମଧ୍ୟସ୍ଥ ଦୂରତା ଏଠି ନାହିଁ ।

**100.** 'ଧୂଳିଆ ଦର୍ଶନ' କହିଲେ କ'ଣ ବୁଝାଏ ?

(1) ଧୂଳି ଧୂସରିତ ଅବସ୍ଥାରେ ଦିଅଁ ଦର୍ଶନ ।

(2) ଧୂଳି ମଖା ଜୀବନ ଯାତ୍ରା ।

(3) ଧୂଳିମଳିକୁ ଉପେକ୍ଷା ପୂର୍ବକ ଦେବତାଙ୍କ ଦର୍ଶନ ।

(4) ଧୂଳିକୁ ଭିତ୍ତିକରି ସୃଷ୍ଟ ଜୀବନ ଦର୍ଶନ ।

- o O o -

**Space For Rough Work**